Rediffusion/Edelman

| Published Date: | 20 Sep 2017 | Publication: | Manthan (Oriya) |
| --- | --- | --- | --- |
| Edition: | Bhubaneshwar | Page No: | 5 |
| Circulation: | 12000 | | |

# ରେଭେନ୍ସା ଜୁନିୟର ସ୍କୁଲ୍ ଟିସିଏସ୍ ଆଇଟି ୱିଜ୍ ଭୁବନେଶ୍ୱର ସଂସ୍କରଣର ମୁକୁଟ ବିଜେତା

ଭୁବନେଶ୍ୱର,୧୯।୯: ଅଗ୍ରଣୀ ଆଇଟି ସେବା, ବିଜନେସ୍ କନ୍‌ସଲ୍‌ଟିଂ ଏବଂ ବିଜନେସ୍ ସମାଧାନ ପ୍ରଦାନ କରିବାର ଏକ ଅଗ୍ରଣୀ ସଂସ୍ଥା ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଆୟୋଜନ କରାଯାଇଥିବା ଭାରତ ସର୍ବବୃହତ ଆନ୍ତଃ ସ୍କୁଲ କୁଇଜ୍, ଟିସିଏସ୍ ଆଇଟି ୱିଜ୍‌ରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୧୯, ମଙ୍ଗଳବାର, ପାଲ ହାଇଟସ୍,ଜୋ/୭, ଜୟଦେବ ବିହାର ରୋଡ୍, ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିବା ଏହି କୁଇଜ୍‌ରେ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଭୁବନେଶ୍ୱର ସଂସ୍କରଣରେ ଚଳିତ ବର୍ଷ କୁଇଜ୍ ରାଞ୍ଚି ଏବଂ ବିଶାଖାପାଟନାମ୍ ଠାରୁ ସ୍କୁଲର ଟିମ୍ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଅଷ୍ଟମ-ଦ୍ୱାଦଶ ଶ୍ରେଣୀର ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ୱିଜ୍ ଉନ୍ମୁକ୍ତ କରିଛି। ପ୍ରତିଟି ଅନୁଷ୍ଠାନ ସର୍ବାଧିକ




୮ଟି ଟିମ୍ ପଠାଇପାରିବେ ଏବଂ ପ୍ରତି ଟିମ୍‌ରେ ଦୁଇ ଜଣ ସଦସ୍ୟ ରହିବେ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ।

ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍‌ରେ ଚାରିଟି ବିଷୟ-ଅଟୋମେସନ୍, କଣ୍ଟେଂକ୍ସୁଆଲ୍ ନଲେଜ୍, ମେସିନ୍ ଲର୍ଣ୍ଣିଂ ଏବଂ ଆଜାଇଲ୍ ଉପରେ ଗୁରୁତ୍ୱ ପ୍ରଦାନ କରିବ, ଏହା ବ୍ୟତୀତ ଟିସିଏସ୍ ଉପରେ ସ୍ୱତନ୍ତ୍ର ରାଉଣ୍ଡ ହେବ। ଏହି କୁଇଜ୍ ପ୍ଲାଟଫର୍ମରେ ସମଗ୍ର ବିଶ୍ୱରେ ବଡ଼ ଧରଣର ଦ୍ରୁତ ସୃଷ୍ଟି କରିଥିବା ପ୍ରଯୁକ୍ତି ଟ୍ରେଣ୍ଡକୁ ଅନୁଧ୍ୟାନ କରିବ। ଯେଉଁ ଛାତ୍ରଛାତ୍ରୀମାନେ ଏହି କୁଇଜ୍‌ର ଅଂଶ ହେବେ ସେମାନେ ନିଜର ଭବିଷ୍ୟତ ଆଡ଼େ ଅଗ୍ରସର ହେବା ବେଳେ ଏହି ପ୍ରଯୁକ୍ତିଗୁଡ଼ିକୁ ବୁଝିପାରିବେ। ଲିଖିତ ପ୍ରାଥମିକ ରାଉଣ୍ଡର ଶ୍ରେଷ୍ଠ ୬ଟି ଟିମ୍ ଆଂଚଳିକ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

ଆଂଚଳିକ ଫାଇନାଲ୍‌ରେ ପାଂଚଟି ରାଉଣ୍ଡର କୁଇଜ୍ ପରେ ରେଭେନ୍ସା ଜୁନିୟର ସ୍କୁଲ୍‌ର ପ୍ରିୟମ ପଣ୍ଡା ଏବଂ ଶୁଭମ ହୋତା ଟାଇଟଲ୍ ବିଜୟୀ ହୋଇଛନ୍ତି। ଚଳିତ ବର୍ଷର ଆଂଚଳିକ ଚାମ୍ପିଆନ୍‌ଙ୍କୁ ପ୍ରଦାନ କରାଯାଇଛି ୬୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ଏବଂ ରନର୍ସ ଅପ୍ ହୋଇଥିବା ମଦର୍ସ ପବ୍ଲିକ ସ୍କୁଲର ଶୋଭମ ପଣ୍ଡା ଏବଂ ନୈବେଦ୍ୟ ଦାଶଙ୍କୁ ୪୦,୦୦୦ ଟଙ୍କାର ଗିଫ୍ଟ ଭାଉଚର ସହିତ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ଟ୍ରଫି ଏବଂ ମେଡାଲ୍ ପ୍ରଦାନ କରାଯାଇଛି। ଅନ୍ୟ ୬ ଫାଇନାଲିଷ୍ଟ ଟିସିଏସ୍‌ଠାରୁ ବିଭିନ୍ନ ପୁରସ୍କାର ଯଥା ଜିମ୍ ବ୍ୟାଗ୍, ଓଟିଜି ପେନ୍ ଡ୍ରାଇଭ୍; ଇୟର ଫୋନ୍ ଏବଂ ବ୍ଲୁଟୁଥ୍ ସ୍ପିକର୍ ଜିତିପାରିବେ। ବିଜେତା ଟିମ୍ ଜଣେ ଶିକ୍ଷକ/ଅଭିଭାବକଙ୍କ ସହିତ ଜାତୀୟ ଫାଇନାଲ୍ ପାଇଁ ମୁମ୍ବାଇ ଯାତ୍ରା କରିବେ।

ପୁରସ୍କାରଗୁଡ଼ିକ ସମ୍ମାନିତ ଅତିଥି ଓଡିଶା ସରକାରଙ୍କ ଇଲେକଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସାଧାରଣ ସମ୍ପାଦକ ଅଶୋକ କେ ମିନା ଏବଂ ଟିସିଏସ୍ ପୂର୍ବାଞ୍ଚଳର ସାଧାରଣ ପରିଚାଳକ ସୁରେଶ ଜି ମେନନ୍‌ଙ୍କ ଦ୍ୱାରା ବଣ୍ଟନ କରାଯାଇଛି। କୁଇଜ୍‌ରକୁ ପରିଚାଳନା କରିଛନ୍ତି କୁଇଜ ମାଷ୍ଟର ଗିରି "ପିକ୍‌ବ୍ରେନ୍" ବାଲାସୁବ୍ରମଣ୍ୟମ। ଟିସିଏସ୍ ଆଇଟି ୱିଜ୍ ୨୦୧୭ ସାରା ଭାରତର ୧୨ଟି ସହର-ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଇନ୍ଦୋର, ନାଗପୁର, ଭୁବନେଶ୍ୱର, କୋଚି, ଦିଲ୍ଲୀ, ମୁମ୍ବାଇ ଏବଂ ପୁନେରେ ଆୟୋଜନ କରାଯିବ।